## ସଂକ୍ଷେପରେ

### ଗଞ୍ଜାମ ଜିଲା କଂଗ୍ରେସ ଉପସଭାପତି ଦଳରୁ ନିଲମ୍ବିତ

ବ୍ରହ୍ମପୁର,୨୨।୬(ନରସିଂହ ସାହୁ)-ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ମହେଶ୍ୱର ପାତ୍ରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଜିଲା ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଗୁରୁବାର ଏକ ନିର୍ଦ୍ଦେଶନାମାରେ ଏହା ଦର୍ଶାଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ମହେଶ୍ୱରଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଏହା ଜଣାଇ ଦିଆଯାଇଥିବା ଜିଲା ସଭାପତି ସ୍ପଷ୍ଟ କରିଛନ୍ତି।

### ଜଳିଗଲା ବ୍ୟାଟେରି ଚାଳିତ ଗାଡ଼ି

ବ୍ରହ୍ମପୁର,୨୨।୬(ସୁବାସ ଚନ୍ଦ୍ର ପାଢ଼ୀ): ହଳଦିଆପଦର ଓଭର ବ୍ରିଜ୍ ଉପରେ ଜଣେ ବ୍ୟକ୍ତିଙ୍କ ବ୍ୟାଟେରିଚାଳିତ ଗାଡ଼ି ଜଳିଯାଇଛି। ଗୁରୁବାର ପୂର୍ବାହ୍ନରେ ହଳଦିଆପଦର ଓଭର ବ୍ରିଜ ଉପରେ ଗାଡ଼ି ଜଳୁଥିବା ଦେଖି ଜଣେ ଲୋକ ଅଗ୍ନିଶମ ବିଭାଗକୁ ଫୋନ କରି ଜଣାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଗାଡ଼ିର ମାଲିକ କିଏ ଜଣାପଡିନାହିଁ। ଗତ ୬ ମାସ ମଧ୍ୟରେ ଦୁଇଟି ବ୍ୟାଟେରୀ ଗାଡ଼ି ଆପେ ଆପେ ଜଳିଯାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ପୂର୍ବରୁ ଗତ ମଇ ୭ତାରିଖରେ ଗୋବିନ୍ଦ ବିହାରରେ ରହୁଥିବା ସୀମାଞ୍ଚଳ ସାହୁଙ୍କ ଘର ଭିତରେ ଥିବା ଏକ ବ୍ୟାଟେରି ଗାଡ଼ିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଏହାସହିତ ଉକ୍ତ ଗାଡ଼ି ନିକଟରେ ଥିବା ଏକ ଇନଭର୍ଟର ମଧ୍ୟ ଜଳି ଯାଇଥିଲା ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଯୌତୁକଜନିତ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୨୨।୬(ସୁବାସ ଚନ୍ଦ୍ର ପାଢ଼ୀ): ଯୌତୁକ ପାଇଁ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ନିର୍ଯାତନାର ଶିକାର ହୋଇଥିବା ଗୀତା ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

ପ୍ରକାଶ ଯେ, ବାଲିପଡ଼ା ଗ୍ରାମର ସୁଧୀର ବେହେରାଙ୍କ ଝିଅ ଗୀତା ୧୦ବର୍ଷ ତଳେ ପଣ୍ଡିଆଝୋଲି ଗ୍ରାମର ଜଣଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଗୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ତାଙ୍କ ବାପା ଘରକୁ ଚାଲିଯାଇଥିଲେ। ଗୀତାଙ୍କର ଏକ ୯ ବର୍ଷର ପୁଅ ଅଛି। ଗତ ୨୦ ତାରିଖରେ ସ୍ୱାମୀ ତାଙ୍କର ଜଣେ ସହଯୋଗୀଙ୍କୁ ଧରି ଘରକୁ ଆସି ଝଗଡ଼ା କରିବା ସହ ବେକରେ ଗାମୁଛା ଲଗାଇ ହତ୍ୟା ଉଦ୍ୟମ କରିଥିଲେ ବୋଲି ଗୀତ ଅଭିଯୋଗ କରିଛନ୍ତି। ଘର ଲୋକ ଉଠିପଡ଼ିବା ଦେଖି ସ୍ୱାମୀ ଚମ୍ପଟ ମାରିବା ପୂର୍ବରୁ ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ସମସ୍ତଙ୍କୁ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲେ। ତେଣୁ ଜୀବନ ରକ୍ଷା ପାଇଁ ପୁଅକୁ ଧରି ଗୀତା ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୩୧୮/୨୩ରେ ଏକ ମାମଲା ରୁଜୁ କରିଛି।

# ବ୍ରହ୍ମପୁରରେ ମୌସୁମୀ ବର୍ଷା, ଗଞ୍ଜାମକୁ ୨ ଦିନ ୟେଲୋ ୱାର୍ଣ୍ଣିଂ

ବ୍ରହ୍ମପୁର,୨୨।୬(ସ୍ମୃତି ରଞ୍ଜନ ମହାଲିକ)/ ଗୋପାଳପୁର (ନବୀନ ରାଜ ଆଚାରୀ)



ମୌସୁମୀ ବର୍ଷାରେ ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ।

ପାଣିପାଗ ବିଭାଗର ପୂର୍ବାନୁମାନ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଛି। ଗୁରୁବାର ବ୍ରହ୍ମପୁର ସହରରେ ମଧ୍ୟ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଗତ ୨ଦିନ ହେଲା ଦିନର ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ରାତିର ତାପମାତ୍ରା ୨୯ ଡିଗ୍ରୀ ରହୁଥିଲା। ଏଥିସହ ଗୁଳୁଗୁଳି ମଧ୍ୟ ଲାଗି ରହୁଥିଲା। ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଗରମ, ଗୁଳୁଗୁଳି ଲାଗି ରହିଥିଲା। ଅପରାହ୍ନ ୧ଟା ପରେ ପାଗ ମେଘୁଆ ହେବା ସହ ଥଣ୍ଡା ପବନ ବହିଥିଲା। ଏହାପରେ ଘଡଘଡି ସହ ବିଜୁଳି ଓ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ପରେ ପରେ ପ୍ରବଳ ମାତ୍ରାରେ ବର୍ଷା ହୋଇଥିଲା। ଅପରାହ୍ନ ସାଢେ ୩ଟା ଯାଏଁ ବର୍ଷା ଲାଗି ରହିଥିଲା। ସହରର ମୁଖ୍ୟ ରାସ୍ତାରେ ପାଣିର ସୁଅ ଛୁଟିଥିଲା। ସହରର ଏସଏନଟି ରୋଡରେ ବର୍ଷା ପାଣି ଜମି ରହି ଯାନବାହାନଗୁଡିକ ବୁଡି ଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ଯାତାୟତରେ ସମସ୍ୟା ଉପୁଜୁଥିଲା। ସେହିଭଳି ଅଶୋକ ନଗର ମୁଖ୍ୟ ଛକରେ ବର୍ଷା ଓ ନର୍ଦ୍ଦମା ପାଣି ଏକାକାର ହୋଇ ମୁଖ୍ୟ ରାସ୍ତାରେ ଜମି ରହିଥିଲା। ଫଳରେ ସେହି ସମୟରେ ଯାତାୟତ କରୁଥିବା ଅନେକ ଲୋକ ନର୍ଦ୍ଦମାରେ ପଡି ଯିବା ନେଇ ଭୟ କରିଥିଲେ।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବର୍ଷା ଦିନ ପୂର୍ବରୁ ସମୂହ ସଫେଇ କରାଯାଉଥିବା ବେଳେ ତାହା କେତେ ଦୂର ଫଳପ୍ରଦ ତାହା ଆଜିର ସ୍ୱଳ୍ପ ସମୟର ବର୍ଷାରୁ ସ୍ପଷ୍ଟ ବାରି ହୋଇ ପଡିଛି। ସେହିପରି ସେଲ ଟ୍ୟାକ୍ସ ଛକ, ନୂଆ ବସ ଷ୍ଟାଣ୍ଡ, ଗୋସାଇଁ ନୂଆ ଗାଁ, ଫାଷ୍ଟ ଗେଟ ଭଳି ମୁଖ୍ୟ ରାସ୍ତାରେ ବର୍ଷା ପାଣିର ସୁଅ ଛୁଟିଥିଲା। ଯାହାଦ୍ୱାରା ଭାରୀ ଯାନଠାରୁ ଆରମ୍ଭ କରି ସର୍ବସାଧାରଣ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ସେହିପରି ସହରତଳି ଅଂଚଳ ଗୁଡିକରେ ଅନେକାଂଶଙ୍କ ଘରେ ବର୍ଷା ପାଣି ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ତେବେ ଗଞ୍ଜାମ ଜିଲାରେ ଗୁରୁବାର ଓ ଶୁକ୍ରବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଗୋପାଳପୁର ଡପଲର ରାଡାର ଇନଚାର୍ଜ ଏସ କେ ମୂର୍ତ୍ତି ସୂଚନା ଦେଇଛନ୍ତି। ତେବେ ୨ ଦିନର ବର୍ଷାରେ ସହରବାସୀ ଯେଭଳି ନର୍ଦ୍ଦମା ପାଣିରେ ଉବୁ ଟୁବୁ ନ ହୁଅନ୍ତି ସେଥିପ୍ରତି ବିଏମସି ସଜାଗ ରହିବା ପାଇଁ ସହରବାସୀ ଦାବି କରିଛନ୍ତି।

# ମହାନଗର ବିଜେଡି ସଙ୍ଗଠନ ପୁନର୍ଗଠନ

ବ୍ରହ୍ମପୁର,୨୨।୬(ନରସିଂହ ସାହୁ)

**ବିଜୟ ସାମଲ ପୁଣି ସଭାପତି**



ମହାନଗର ସଭାପତି ବିଜୟ ଚନ୍ଦ୍ର ସାମଲ।

ବ୍ରହ୍ମପୁର ମହାନଗର ବିଜେଡି ସଙ୍ଗଠନ ଗୁରୁବାର ପୁନର୍ଗଠିତ ହୋଇଛି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ୬୫ଜଣ କର୍ମକର୍ତ୍ତାଙ୍କ ନାମ ପ୍ରକାଶ କରିଛନ୍ତି। ରେଶମ ନଗରର ବରିଷ୍ଠ ନେତା ବିଜୟ ଚନ୍ଦ୍ର ସାମଲ ପୁନର୍ବାର ସଭାପତି ହୋଇଛନ୍ତି। ନୂଆ ସଂଗଠନରେ ୧୪ ଉପସଭାପତି, ୧୬ ସାଧାରଣ ସମ୍ପାଦକ, ୩୨ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଡିଜିଟାଲ ସମ୍ପାଦକ ଅଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ମହାନଗରରେ ବିଜେଡି ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଅନେକ ନୂଆ ଚେହେରାଙ୍କୁ କର୍ମକର୍ତ୍ତା କରାଯାଇଥିବା ସ୍ପଷ୍ଟ ହୋଇଛି।

ଉପସଭାପତି ୧୪ ଜଣଙ୍କ ମଧ୍ୟରେ ବନମାଳୀ ସେଠୀ, ଶୂନ୍ୟଚନ୍ଦ୍ର ଦାସ, ଟି. ତିରୁପତି ପାତ୍ର, ତାରିଣୀ ସାହୁ, ଆର. ମୁରଲୀ ମୋହନ, ଏନ. ଆପ୍ପା ରାଓ, ୟୁ. ରାମାରାଓ, ଚନ୍ଦ୍ରମୋହନ ସାହୁ, ସୁରେନ୍ଦ୍ର କୁମାର ମହାରଣା, ବି. ଶ୍ରୀନିବାସ ରାଓ, ଗଣେଶ ଚୌଧୁରୀ, ଭାଗିରଥୀ ମହାରଣା, କୁଳଦୀପ ସିଂ ଓ ଟୁନା ପାଣିଗ୍ରାହୀ ଅଛନ୍ତି। ସେହିପରି ଜ୍ୟୋତି ସୁବୁଦ୍ଧି, ପ୍ରମୋଦ କୁମାର ମହାରଣା, ସୁଧୀର କୁମାର ପାତ୍ର, ପ୍ରଣୟ ପଟ୍ଟନାୟକ, ପ୍ରଭାତ କୁମାର ସାହୁ, ଉଦ୍ଧବ ବିଶୋୟୀ, ରଇତ ଦାସ, ଗଦାଧର ସାହୁ, ଜାମୁଲା ଶ୍ରୀନିବାସ ରାଓ, ବାବୁଲା ଦାସ, ରାମକୃଷ୍ଣ ସାହୁ, ମିହିର ରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ବେହେରା, ସମୀର କୁମାର ମିଶ୍ର, କୃପାମୟ ବେହେରା ଓ ରାଜେନ୍ଦ୍ର ବେହେରା ଉପରୋକ୍ତ ୧୬ ଜଣଙ୍କୁ ସାଧାରଣ ସମ୍ପାଦକ କରାଯାଇଛି।

ଜଗନ୍ନାଥ ମିଶ୍ର କୋଷାଧ୍ୟକ୍ଷ ହୋଇଥିବା ବେଳେ ଭୀଷ୍ମାଚାର୍ଯ୍ୟ ଚୌଧୁରୀ ଡିଜିଟାଲ ସମ୍ପାଦକ ହୋଇଛନ୍ତି। ଅନ୍ୟପକ୍ଷରେ ୩୨ ସମ୍ପାଦକଙ୍କ ମଧ୍ୟରେ ରାମଚନ୍ଦ୍ର ପାତ୍ର, ଚିତ୍ରସେନ ମହାପାତ୍ର, ରବି ପଟ୍ଟନାୟକ, ଲକ୍ଷ୍ମୀ ସେଠୀ, ଟି. କିଶୋର, ଭୃଗି ପଣ୍ଡା, ପ୍ରଶାନ୍ତ କୁମାର ନାୟକ, ସତ୍ୟ ନାରାୟଣ ତ୍ରିପାଠୀ, ବବିତା ମହାରଣା, ଅନୀଲ କୁମାର ନାୟକ, ସରୋଜ କୁମାର ନାୟକ, ଆଦିତ୍ୟ ପଟ୍ଟନାୟକ, ଟୁନା ମହାରଣା, କିଶୋର କୁମାର ଦଳେଇ, ଶିବ ପ୍ରଧାନ, କମଳ କୁମାର ପାତ୍ର, ବୈଜୟନ୍ତିମାଳା ପାଢ଼ୀ, ଜି. ଗୋପାଳ ରେଡ଼ି, ଆର. ରାଜେନ୍ଦ୍ର, ବ୍ରଜବନ୍ଧୁ ପ୍ରଧାନ, ମନୋଜ କୁମାର ସାବତ, ଶ୍ରୀକାନ୍ତ ସାବତ, ପ୍ରଦ୍ୟୁମ୍ନ ଗନ୍ତାୟତ, ଏନ. ସୁଧାସ୍ୱାମୀ, ଟି. ରାଜ କୁମାର ପାତ୍ର, ଗୋପିନାଥ ଗୌଡ଼, କାଳୀ ପ୍ରସାଦ ପାଢ଼ୀ, ରବିନ୍ଦ୍ର ସାହୁ, ମୀନକେତନ ପାତ୍ର, ମନୁ କୁମାର ରାଉତ, ଟି. ସୁଶାନ୍ତ, ରାଜେନ୍ଦ୍ର ପାଣିଗ୍ରାହି ଅଛନ୍ତି। ନୂତନ କର୍ମକର୍ତ୍ତାମାନେ ଦଳ ପ୍ରତି ସମର୍ପିତ ହୋଇ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ ସଭାପତି ସାମଲ ଆହ୍ୱାନ ଦେଇଛନ୍ତି।

### ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର,୨୨।୬ (ସୁବାସ ଚନ୍ଦ୍ର ପାଢ଼ୀ)

**ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା**

ଦୁର୍ଘଟଣା ଘଟାଇ ଫେରାର ଥିବା ଜଣେ ଡ୍ରାଇଭରଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଆସିକାର ଭାଗିରଥୀ ନାହାକ (୩୩)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୮ ତାରିଖରେ ଏଲ. ବୈରାଗୀ ଓ ତାଙ୍କ ସ୍ତ୍ରୀ ଏଲ. ନାରସୁଆମ୍ମା ହିଞ୍ଜିଳିକାଟୁରୁ ବ୍ରହ୍ମପୁର ନିଜ ଟିଭିଏସ ଏକ୍ସଏଲ ଗାଡ଼ିରେ ଘରକୁ ଫେରୁଥିଲେ। କୃପାସିନ୍ଧୁପୁର ଛକରେ ଏକ କାର ସେମାନଙ୍କ ଗାଡ଼ିକୁ ଧକ୍କା ଦେଇ ପଳାଇଥିଲା। ଫଳରେ ଦମ୍ପତି ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଗୁରୁତର ଆହତ ଦମ୍ପତିଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଏଲ. ନାରସୁଆମ୍ମାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଖବର ପାଇ ତାଙ୍କ ଭଣଜା ପି. ମୋହନା ପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ୨୦୮/୨୩ ରେ ଏକ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁର୍ଘଟଣା ଘଟାଇବା ପରେ ଖସି ପଳାଇଥିବା କାର ନମ୍ବର ଟ୍ରାକିଂ କରି ଅଭିଯୁକ୍ତ ଡ୍ରାଇଭରଙ୍କୁ କାବୁ କରିଥିଲା ବୋଲି କହିଛି।

# କମାପଲ୍ଲୀ ପୋଖରୀ ସଫେଇ କାର୍ଯ୍ୟ ଆରମ୍ଭ



ଉପଜିଲାପାଳ, କମିଶନର ଓ ଜିଲା ପରିଷଦ ଉନ୍ନୟନ ମୁଖ୍ୟ ନିର୍ବାହୀଙ୍କ ପୋଖରୀ କାର୍ଯ୍ୟ ତଦାରଖ।

ବ୍ରହ୍ମପୁର,୨୨।୬ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜଳାଶୟ ସଫେଇ ଓ ସୌନ୍ଦର୍ଯ୍ୟକରଣ ନେଇ ପଦକ୍ଷେପ ନିଆଯାଉଛି। ନିଗମ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଗୋସାଣୀ ନୂଆଗାଁ ବେଡାବନ୍ଧ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ପୋଖରୀରୁ ଦଳ ଓ ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିପାଇଁ ନିଗମ ପକ୍ଷରୁ ୩୦ କୋଟି ଟଙ୍କା ବ୍ୟୟରେ ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସାଢେ ୪ କୋଟି ଟଙ୍କା ବ୍ୟୟରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ଙ୍କ ଦ୍ୱାରା ପୋଖରୀ ସଫେଇ କାର୍ଯ୍ୟ ଚାଲିଛି। ଏଭଳି ଭାବେ ଆଗୁଳା ବନ୍ଧ, ହରିଡାଖଣ୍ଡି ବନ୍ଧ ଓ ଆଇନା ବନ୍ଧ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ୱାର୍ଡ ନଂ ୩୨ ଅନ୍ତର୍ଗତ କମାପଲୀ ପୋଖରୀ ସଫେଇ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ନିଗମ ପକ୍ଷରୁ ୱିଡ ହାରଭେଷ୍ଟର ମେଶିନ ମାଧ୍ୟମରେ ପୋଖରୀରୁ ଦଳ ଓ ଆବର୍ଜନା ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଭି କୀର୍ତ୍ତି ୱାସନ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସି, ବିଏମସି କମିଶନର ଜେ ସୋନାଲ ଗସ୍ତ କରି ପୋଖରୀ ସଫେଇ କାର୍ଯ୍ୟକୁ ତଦାରଖ କରିଥିଲେ। ପୋଖରୀ ସଫେଇ ପରେ ଆଗାମୀ ଦିନରେ ପୋଖରୀ ସୌନ୍ଦର୍ଯ୍ୟକରଣ ନେଇ ବଜେଟ ପ୍ରସ୍ତୁତ କରାଯିବ ବୋଲି ସ୍ଥାନୀୟ କର୍ପୋରେଟର ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ତେବେ କମାପଲୀ ପୋଖରୀ ସଫେଇ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସେମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେଲା ବୋଲି ବହୁ ଅଂଚଳବାସିନ୍ଦା ମତ ପ୍ରକାଶ କରିଛନ୍ତି।

# ଆମ୍ବୁଲାନ୍ସ କର୍ମଚାରୀଙ୍କ ମଧ୍ୟରେ ସଂଘର୍ଷ

ବ୍ରହ୍ମପୁର,୨୨।୬ (ସୁବାସ ଚନ୍ଦ୍ର ପାଢ଼ୀ)

**ରୋଗୀଙ୍କୁ ନେବା ପାଇଁ ଭଡ଼ା ବିବାଦ**

ଏମ୍‌କେସିଜି ମେଡିକାଲକୁ ରୋଗୀ ନେବା ଆଣିବା ପାଇଁ ରହିଥିବା ଘରୋଇ ଆମ୍ବୁଲାନ୍ସ ଭଡ଼ାକୁନେଇ ବୁଧବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷର ୩ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ବୈଦ୍ୟନାଥପୁର ଥାନା ପୋଲିସ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଯେଉଁମାନେ ଏଥିରେ ସାମିଲ ଅଛନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି।

ବୁଧବାର ରାତି ପ୍ରାୟ ସାଢ଼େ ୧୧ଟାରେ ଜଣେ ରୋଗୀଙ୍କୁ ଅନ୍ୟତ୍ର ନେବା ପାଇଁ ସେଠାରେ ଥିବା ଏକ ଆମ୍ବୁଲାନ୍ସ କର୍ମଚାରୀ ୪ହଜାର ଟଙ୍କା ଭଡ଼ା ବାବଦକୁ ନେଇଥିଲେ। ଉକ୍ତ ଭଡ଼ା ୬ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ଜଣଙ୍କ ୨ ହଜାର ଟଙ୍କା କମ୍ ନେଇଥିଲେ। ଅନ୍ୟ ଗୋଷ୍ଠୀ ଏହାର ପ୍ରତିବାଦ କରିଥିଲେ। ଆମ୍ବୁଲାନ୍ସ ଚାଳକ ଜଣକ ଏ ନେଇ ତାଙ୍କ ମାଲିକ ସୀମାଞ୍ଚଳ ନାୟକଙ୍କୁ ଜଣାଇଥିଲେ। ସେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଧାରୁଆ ଅସ୍ତ୍ରରେ ସୀମାଞ୍ଚଳଙ୍କୁ ଆକ୍ରମଣ କରାଯିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା। ତାଙ୍କୁ ଏମ୍‌କେସିଜି ମେଡିକାଲ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ସୀମାଞ୍ଚଳ ସଂଘରେ ରହି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ବୁଧବାର ରାତିରେ ସେ ଆତଙ୍କରାଜ ଚଳାଇଥିଲେ ବୋଲି ପ୍ରତିପକ୍ଷ ଗୋଷ୍ଠୀର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି କହିଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ରାଜୀବ ଆବାସ ଆପାର୍ଟମେଣ୍ଟରେ ସମସ୍ୟା

ବ୍ରହ୍ମପୁର,୨୨।୬ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ୪ ନଂ ୱାର୍ଡ ଅନ୍ତର୍ଗତ ଫାଷ୍ଟ ଗେଟସ୍ଥିତ ରାଜୀବ ଆବାସ ଆପାର୍ଟମେଣ୍ଟରେ ବିଭିନ୍ନ ସମସ୍ୟା ନେଇ ଗୁରୁବାର ଆପାର୍ଟମେଣ୍ଟ ବାସିନ୍ଦା ବିଏମସି ମେୟର ସଂଘମିତ୍ରା ଦଳେଇଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ନିଗମ ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ଥଇଥାନ ପାଇଁ ସହରରେ ୨୧୩୨ଟି ରାଜୀବ ଆବାସ ଗୃହ ନିର୍ମାଣ କରାଯାଇଥିଲା। ଏଠାରେ ପାନୀୟ ଜଳ ବ୍ୟବସ୍ଥା ସାଙ୍ଗକୁ ଆଲୋକୀକରଣ ଓ ଡ୍ରେନେଜର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ମର୍ମରେ ଫାଷ୍ଟଗେଟସ୍ଥିତ ତେଲି ଶ୍ମଶାନ ନିକଟରେ ଥିବା ରାଜୀବ ଆବାସ ଆପାର୍ଟମେଣ୍ଟରେ ୮୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରାଯାଇଥିଲା। ଏହି ହିତାଧିକାରୀଙ୍କୁ ଘର ମିଳିବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ଆପାର୍ଟମେଣ୍ଟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ବେଳେ କୋଠାର ବିଭିନ୍ନ ସ୍ଥାନ ଫାଟ ସୃଷ୍ଟି ହୋଇଛି। ଏଥିସହ ପିଇବା ପାଣି, ବିଦ୍ୟୁତ, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ଉଜୁଡି ପଡିଥିବା ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏ ନେଇ ମେୟର କହିଥିଲେ ଯେ, ଉକ୍ତ ଅଂଚଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ମେୟରଙ୍କ ସହ ବସ୍ତି ବାସିନ୍ଦାଙ୍କ ଆଲୋଚନା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ମାମାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ତ୍ରୀଙ୍କୁ ନିର୍ଯାତନା, କନଷ୍ଟେବଲ ସ୍ୱାମୀଙ୍କୁ ନୋଟିସ

ବ୍ରହ୍ମପୁର,୨୨।୬ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତ କନଷ୍ଟେବଲ ସ୍ୱାମୀ ଚନ୍ଦ୍ର ଶେଖର ପାତ୍ରଙ୍କୁ ସିଆର୍‌ପିସି ୪୧ ଅନୁସାରେ ନୋଟିସ ଦେଇଛି। ଗୋପାଳପୁର ଥାନା ଅନ୍ତର୍ଗତ ବଡ଼କୁଶସ୍ଥଳୀ ଗ୍ରାମର ଚନ୍ଦ୍ରଶେଖର ଗୋଷାଣିନୂଆଗାଁ ଥାନାରେ କନଷ୍ଟେବଲ ଅଛନ୍ତି।

ଚନ୍ଦ୍ର ଶେଖର ୨୦୨୦ ଫେବ୍ରୁୟାରୀ ୨୮ରେ ଉଷାରାଣୀ ଜେନାଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ୧୨.୫୦ଲକ୍ଷ ଟଙ୍କା ଓ ଅନ୍ୟ ଘରକରଣା ସାମଗ୍ରୀ ଦିଆଯାଇଥିଲା। ପରେ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ଉଷାରାଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଏହାର ସମାଧାନ ପାଇଁ ଉଷାରାଣୀ ମହିଳା ଥାନାର ଦ୍ୱାରସ୍ତ ହୋଇଥିଲେ। ମହିଳା ଥାନାରେ ପୋଲିସ ବହୁବାର ଉଷାରାଣୀ ଓ ତାଙ୍କ ସ୍ୱାମୀଙ୍କୁ ବୁଝାଶୁଝା କରି ଛାଡିଥିଲେ। ଗତ ୨୦ତାରିଖରେ ପୁଣି ଥରେ ଉଷାରାଣୀଙ୍କୁ ନିର୍ଯାତନା ଦିଆଯାଇଥିଲା। ସ୍ୱାମୀ ଚନ୍ଦ୍ରଶେଖର ବାଡ଼ିରେ ପିଟିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଉଷାରାଣୀ କୌଶଳକ୍ରମେ ଖସି ଆସି ବାପଘରେ ଆଶ୍ରୟ ନେଇଥିଲେ। ପରେ ଘଟଣାକୁ ନେଇ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୦୪/ ୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜଣେ ପୋଲିସ କର୍ମଚାରୀ ହୋଇଥିବାରୁ ଉଷାରାଣୀଙ୍କୁ କେହି ସହଯୋଗ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ମହାପ୍ରଭୁଙ୍କ କଚ୍ଛପ ଅବତାର



ଗୋଷାଣୀନୂଆଗାଁ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ କଚ୍ଛପ ଅବତାର ବେଶ।

ବ୍ରହ୍ମପୁର,୨୨।୬ (ତନୁଶ୍ରୀ ନାହାକ)

ରଥଯାତ୍ରାର ତୃତୀୟ ଦିବସ ଗୁରୁବାର ରେଶମ ସହରରେ ବିଭିନ୍ନ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ କଚ୍ଛପ ବେଶ ଅନୁଷ୍ଠିତ ହୋଇଥିଲା। ଦିନ ବେଳେ ଆଡ଼ପ ମଣ୍ଡପରେ ୩ ଠାକୁରଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ସମାଗମ ହୋଇଥିଲା। ଗୋଷାଣୀନୂଆଗାଁ, ଗୋଇଲୁଣ୍ଡି, ବିଜିପୁର, ବଡ଼ ଜଗନ୍ନାଥ, ସାନ ଜଗନ୍ନାଥ, ଉତ୍କଳ ଆଶ୍ରମରୋଡ଼, ଆଙ୍କୁଲି ଠାରେ ମହାପ୍ରଭୁଙ୍କ କଚ୍ଛପ ବେଶ ଅନୁଷ୍ଠିତ ହୋଇଥିଲା। ତେବେ ଲାଞ୍ଜିପଲ୍ଲୀ ରଘୁନାଥ ମଣ୍ଡପ ସ୍ଥିତ ଆଡ଼ପ ମଣ୍ଡପରେ ବିଜେ କରିଥିବା ପ୍ରଭୁଙ୍କ ଆଜି ମତ୍ସ୍ୟ ଓ କଚ୍ଛପ ଉଭୟ ଅବତାର ହୋଇଥିଲା।

# ଏମକେସିଜି ମେଡିକାଲ ସମସ୍ୟା ନେଇ ବୈଠକ

ବ୍ରହ୍ମପୁର,୨୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏମକେସିଜି ମେଡିକାଲରେ ୨୪ଘଣ୍ଟିଆ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଆରମ୍ଭ କରିବା ଦିଗରେ ଏଥିରେ ଆଲୋଚନା ହୋଇଥିଲା। ଡାକ୍ତର ଓ ଷ୍ଟାଫ୍‌ଙ୍କ ଅଭାବ ଯୋଗୁଁ ଏହା ସମ୍ଭବ ହୋଇପାରୁ ନଥିବା ବିଧାୟକ ସୂଚନା ଦେଇଥିଲେ। ସେହିପରି ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ରେଡ଼ିଓଗ୍ରାଫର୍ ପଦବୀ ପୂରଣ ଦିଗରେ ଆଲୋଚନା ହୋଇଥିଲା। ରୋଗୀଙ୍କ ସୁବିଧା ପାଇଁ ନୂଆ ବସ୍‌ଷ୍ଟାଣ୍ଡ ପଟ ମେଡିକାଲର ଦ୍ୱିତୀୟ ଗେଟ ଖୋଲିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ପର୍ଯ୍ୟାପ୍ତ ଆମ୍ବୁଲାନ୍ସ, ଡାକ୍ତରଙ୍କ ରହିବା ପାଇଁ ଆନୁଷଙ୍ଗିକ ସୁବିଧା ଯୋଗାଇବା ଉପରେ ମଧ୍ୟରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ବଜ୍ରପାତରେ ବଳଦ ମୃତ

ଭଞ୍ଜନଗର,୨୨।୬(ବାବୁଲା ପ୍ରଧାନ): ଭଞ୍ଜନଗର ଅଞ୍ଚଳରେ ଗୁରୁବାର ମୌସୁମୀ ବର୍ଷା ହୋଇଛି। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ତାରାସିଂଙ୍ଗ ଥାନା ଅନ୍ତର୍ଗତ ରାଇଗୋଛା ଗ୍ରାମରେ ଅପରାହ୍ନରେ ବଜ୍ରପାତରେ ଏକ ବଳଦର ମୃତ୍ୟୁ ଘଟିଛି । ସୁବାସ ନାୟକଙ୍କ ବଳଦଟି ଜମିରେ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ବର୍ଷା ଯୋଗୁ କେତେକ ସ୍ଥାନରେ ବିଦ୍ୟୁତ୍ ସେବା ମଧ ପ୍ରଭାବିତ ହୋଇଛି।

### ବିଦ୍ୟୁତ୍ ତାର ଛିଣ୍ଡି ବଳଦ ମୃତ୍ୟୁ, ଚାପା ଉତ୍ତେଜନା

ଦାରିଙ୍ଗବାଡ଼ି,୨୨।୬(ଅରୁଣ ସାହୁ): ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ଫିଡରର ଅଲାରି ଗ୍ରାମ ନିକଟ ଜଙ୍ଗଲରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଏ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଯାଇଛି। ଅଲାରି ଗ୍ରାମର ପ୍ରଫୁଲ୍ଲ ଦିଗାଳଙ୍କ ବଳଦଟି ଜଙ୍ଗଲରେ ଚରୁଥିଲା ବେଳେ ପୂର୍ବରୁ ଏକ ଗଛ ପଡି ବିଦ୍ୟୁତ୍ ତାରଟି ଛିଣ୍ଡି ପଡିଥିଲା। ସେଇ ତାର ସଂସ୍ପର୍ଶରେ ବଳଦଟି ଆସି ମୃତ୍ୟୁବରଣ କରିଥିବା ପ୍ରଫୁଲ ଅଭିଯୋଗ କରିଛନ୍ତି। ଖବର ଲେଖିବା ସୁଦ୍ଧା ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି।

### ନୂତନ ତହସିଲଦାରଙ୍କ କାର୍ଯ୍ୟଭାର ଗ୍ରହଣ

ଜି.ଉଦୟଗିରି,୨୨।୬(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟରେ



ରଞ୍ଜନ କୁମାର ସାହୁ ନୂତନ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କିଛି ଦିନ ପୂର୍ବରୁ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନଙ୍କ ବଦଳି ହୋଇଥିଲା। ଶ୍ରୀ ସାହୁ ଚାକିରିର ପ୍ରଥମ ପୋଷ୍ଟିଂ ଜି.ଉଦୟଗିରି ତହସିଲଦାର ଭାବରେ ନିଯୁକ୍ତି ପାଇଛନ୍ତି। ଅଞ୍ଚଳର ଉନ୍ନତି ନିମନ୍ତେ ସଦାସର୍ବଦା ପ୍ରୟାସ ରହିବ ଏବଂ ତା' ସହିତ ଅଞ୍ଚଳର ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଲୋକେ ଯେମିତି ସରକାରଙ୍କ ସୁବିଧାସୁଯୋଗ ପାଇପାରିବେ ସେହି ଲକ୍ଷ୍ୟ ରଖି ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ଅଟୋ ଓଲଟି ୪ ଗୁରୁତର

ମୋହନା,୨୨।୬(ମନ୍ମଥ ମିଶ୍ର): ମୋହନା ଥାନା କଣ୍ଟେଇକୋଲି ନିକଟରେ ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିବାରୁ ଚାଳକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଶାନ୍ତି ନଗରର ହରିଶ୍ଚନ୍ଦ୍ର ମଲ୍ଲିକ, ଲକ୍ଷ୍ମୀ ମଲ୍ଲିକ, ଗୋପିନ ମଲ୍ଲିକ ଓ ଶିଖା ମଲ୍ଲିକା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ମୋହନା ମେଡିକାଲ୍‌ରେ ଭର୍ତି କରିଛନ୍ତି। ଗୁରୁବାର ସକାଳ ପ୍ରାୟ ୯ ଟାରେ କର୍ଚ୍ଛବାଡିରୁ ଅଟୋଟି ୮ ଜଣ ଯାତ୍ରୀଙ୍କୁ ନେଇ ମୋହନା ଯାଉଥିଲା। ମୋହନା ଥାନା ଏଏସଆଇ ଏଲ୍ ଭି ପ୍ରସାଦ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୨।୬(ସୁରେନ୍ଦ୍ର ନାଥ ସାହୁ): ଗାଙ୍ଗୁପର ଥାନା ଇଲାକାରେ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମକରାପଲ୍ଲୀ ଗ୍ରାମର ଶୁଶିଳା ସ୍ୱାଇଁ ଓ ଡ୍ରାଇଭର ନାଇକ। ଶୁଶିଳାଙ୍କ ବିରୋଧରେ ୨୦୦୪ ଓ ଡ୍ରାଇଭରଙ୍କ ବିରୋଧରେ ୨୦୧୦ରେ ମାରପିଟ ନେଇ ମାମଲା ରହିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ପାଣି ପାଇଁ ଡହଳବିକଳ ଆତରସିଂବାସୀ

ଆର.ଉଦୟଗିରି,୨୨।୬(ମନୋଜ କୁମାର ପାଢ଼ୀ): ଗଜପତି ଜିଲାର ଅନେକ ଅଞ୍ଚଳରେ ପିଇବା ପାଣିର ଘୋର ଅଭାବ ପରିଲକ୍ଷିତ ହେଉଛି। ଆର.ଉଦୟଗିରି ଥାନା ଆତରସିଂ ଗ୍ରାମରେ ଉତ୍କଟ ଜଳାଭାବ ଦେଖାଦେଇଛି। ମହିଳାମାନେ ଗ୍ରାମଠାରୁ କିଛି ଦୂରରେ ଥିବା ଝରଣା ଓ ସନ୍ତସନ୍ତିଆ ଜାଗାରୁ ପିଇବା ପାଣି ସଂଗ୍ରହ କରି ଆଣୁଛନ୍ତି। ରାଜ୍ୟ ସରକାର ସହର, ଗ୍ରାମାଞ୍ଚଳ ହେଉ କିମ୍ବା ଦୁର୍ଗମ ଅଞ୍ଚଳ ମାନଙ୍କରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଠିକାଦାରଙ୍କ ଖାମଖିଆଲି ନୀତି ଯୋଗୁ ବର୍ଷ ବର୍ଷ ବିତିଯାଇଥିଲେ ମଧ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ସରୁନାହିଁ। ଫଳରେ ଲୋକେ ଯୋଜନାର ସଠିକ ଉପକାର ପାଇପାରୁନାହାନ୍ତି। ଠିକ୍ ସେହିଭଳି ବସୁଧା ଯୋଜନା ମାଧ୍ୟମରେ ଗାଁରେ ପାଇପ ବିଛାଯିବା ସହ କେତେକ ଘର ସମ୍ମୁଖରେ ଟ୍ୟାପ ଖଞ୍ଜାଯାଇଛି, ହେଲେ ତାହା ଲୋକଙ୍କ କାମରେ ଆସୁନାହିଁ। ଫଳରେ ଗ୍ରାମବାସୀ ଚୁଆ ପାଣିରେ ଶୋଷ ମେଣ୍ଟାଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସମାଧାନ ହେଉନଥିବା ଅଭିଯୋଗ ହେଉଛି। ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ଥିବାବେଳେ ୧୫୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏଠାରେ ୩ଟି ନଳକୂପ ଅଛି, କିନ୍ତୁ କେଉଁଟି କଳଙ୍କି ପାଣି ବାହାରୁଛି ତ କେଉଁଠି ବିଳମ୍ବରେ ବାହାରୁଛି। ହେଲେ ତାହା ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବାରେ ଅକ୍ଷମ ହେଉଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ(୧) ପ୍ରଭାକର ମୁନିଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ କିଛି ସମସ୍ୟା ଯୋଗୁ ଗ୍ରାମରେ ପାଣି ଯୋଗାଣ ହୋଇପାରି ନାହିଁ। ତାହାକୁ ଅତିଶୀଘ୍ର ସମାଧାନ କରି ଗ୍ରାମରେ ପାଣି ଯୋଗାଣ କରାଯିବ।




ଷ୍ଟାଣ୍ଡପୋଷ୍ଟ ।

## ଋଷିକୁଲ୍ୟା ପଠାର ଉନ୍ନତୀକରଣ ଲାଗି ୧୫.୬୨ କୋଟି ଅନୁମୋଦନ

ଛତ୍ରପୁର, ୨୨।୬(ସନ୍ତୋଷ ପାଢ଼ୀ ) ରାଜ୍ୟ ସରକାରଙ୍କ ୱାର୍କସ ବିଭାଗ ଦ୍ୱାରା ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ମା' ତାରାତାରିଣୀ ମନ୍ଦିର ପୀଠ ସମ୍ମୁଖ ଋଷିକୂଲ୍ୟା ନଦୀ ପଠାର ଉନ୍ନତିକରଣ ସକାଶେ ପ୍ରଶାସନିକ ଅନୁମୋଦନ ମିଳିଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅନୁରୋଧ ପତ୍ର ପ୍ରକାରେ ରାଜ୍ୟ ସରକାର ଏହି ପ୍ରକଳ୍ପର କାର୍ଯ୍ୟ ନିମନ୍ତେ ୧୫ କୋଟି ୬୨ ଲକ୍ଷ ୯ ହଜାର ଅର୍ଥରାଶି ଯୋଗାଇ ଦେଇଛନ୍ତି । ଏହି ଅନୁଦାନ ପାଣ୍ଠି ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନ ସ୍ଥଳର ବିକାଶ ସକାଶେ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାପରେ ମା' ତାରାତାରିଣୀ ପୀଠରେ ସର୍ବାଙ୍ଗୀନ ଉନ୍ନତି ହେବା ସମେତ ପର୍ଯ୍ୟଟକଙ୍କ ଯାନବାହନ ରଖିବା ବ୍ୟବସ୍ଥା, ବଗିଚାରେ ଭ୍ରମଣ କରି ମନୋରଞ୍ଜନର ମାଧ୍ୟମ ସୃଷ୍ଟି ହେବ। ସ୍ଥାନୀୟ ସ୍ଥାପତ୍ୟର ସୁରକ୍ଷା ବ୍ୟବସ୍ଥା ହେବା ସହିତ ପାରିପାର୍ଶ୍ୱିକ ସ୍ଥିତିର ବିକାଶ ହୋଇ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ବୃଦ୍ଧି ପାଇବ। ଅନୁଦାନ ପାଣ୍ଠି ଏହି ଅଞ୍ଚଳର ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନ ବିକାଶ, ଜନସାଧାରଣଙ୍କ ସୁବିଧା, ପକ୍କାରାସ୍ତା, ମୂର୍ତ୍ତି ଉଦ୍ୟାନ, ଜମି କ୍ୟାପିଙ୍ଗ ଓ ବୃକ୍ଷ ରୋପଣ, ବିଦ୍ୟୁକରଣ ଏବଂ ବାହ୍ୟ ଅଲୋକୀକରଣ, ମାର୍ଗଦର୍ଶିକ ଚିହ୍ନ, ଏବଂ ଡଷ୍ଟବିନ ପ୍ରଭୃତି ନିର୍ମାଣ ହେବ । ଏହି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଅଟୋ ଲାଗି ଉପୁଜୁଛି ଟ୍ରାଫିକ ସମସ୍ୟା

ପାରଳାଖେମୁଣ୍ଡି,୨୨।୬(ଗିରିଧାରୀ ପରିଛା) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଠାରେ ଅଟୋରିକ୍ସା ଲାଗି ଟ୍ରାଫିକ ସମସ୍ୟା ଉପୁଜୁଥିବା ଲକ୍ଷ୍ୟ କରାଯାଉଛି । ଏପରି ସମସ୍ୟା ଦୈନନ୍ଦିନ ଲାଗି ରହିଥିବା ବେଳେ ବର୍ତ୍ତମାନ ରଥଯାତ୍ରା ଲାଗି ପ୍ରବଳ ଜନଗହଳି ଓ ଟ୍ରାଫିକ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରୁଛି। ପ୍ରଶାସନ ପକ୍ଷରୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଯାନବାହାନ ଚଳାଚଳ ତଥା ସହର ମଧ୍ୟକୁ କେଉଁ ସମୟରେ କେଉଁ ଯାନ ଚଳାଚଳ କରିବ ସେ ନେଇ ଏକ ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଥିଲାଗି ପୋଲିସ ଓ ପ୍ରଶାସନ ସଜାଗ ରହି ଛକ ଛକରେ ଅସ୍ଥାୟୀ ବ୍ୟାରିକେଡ ଆଦି କରାଯାଉଛି। ହେଲେ ଏହି ଅଟୋରିକ୍ସା ଚାଳକମାନେ ମନଇଛା ସାହି ବସ୍ତି ମଧ ଦେଇ ପ୍ରବେଶ କରି ସମସ୍ତ ସୁବନ୍ଦୋବସ୍ତକୁ ଛାରଖାର କରୁଥିବା ବେଳେ ଟ୍ରାଫିକ ନିୟମ ନ ମାନି ସହରର ମୁଖ୍ୟ ରାସ୍ତାରେ ଯାତାୟତ କରୁଛନ୍ତି। ଫଳରେ ପୋଲିସ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିବାରେ ନାକେଦମ ହୋଇପଡୁଛନ୍ତି। ତେଣୁ ଏହି ଅଟୋଚାଳକଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ଜିଲାପାଳଙ୍କୁ ଭେଟିଲେ ଆମ୍ବୁଲାନ୍ସ କର୍ମଚାରୀ



ସ୍ମାରକପତ୍ର ଦେବାକୁ ଯାଉଛନ୍ତି ।

ଛତ୍ରପୁର, ୨୨।୬(ସନ୍ତୋଷ ପାଢ଼ୀ ) ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କମ ଦରମା ପ୍ରଦାନ କରାଯାଉଛି ଓ ସେମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ୬ ଦଫା ଦାବିରେ ଗୁରୁବାର ଗଞ୍ଜାମ ଜିଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଗଞ୍ଜାମ ଜିଲାରେ ନିୟୋଜିତ ଥିବା ସମସ୍ତ ୧୦୮ ଆମ୍ବୁଲାନ୍ସର ଚାଳକ, ଆପାତକାଳୀନ ଭେଷଜ ବୈଷୟିକ ସହାୟକ, ପାଇଲଟ ଓ ସହାୟକମାନେ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଭେଟିଥିଲେ । ୨୦୧୩ରୁ ଏହି କାର୍ଯ୍ୟରେ ମାସିକ ୧୦ ହଜାର ଓ ତାଠାରୁ କମ ଦରମାରେ କାମ କରୁଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଢେର ଅଧିକ ଦରମା ମିଳୁଛି । ରାଜ୍ୟରେ ସେମାନଙ୍କୁ ୮ ଘଣ୍ଟା ପରିଶ୍ରମ ନିଶ୍ଚିତ କରିବା ସହ ଇଏମ୍‌ଟିଙ୍କୁ ୩୦ହଜାର, ପାଇଲଟଙ୍କୁ ୨୫ ହଜାର, ସହାୟକଙ୍କୁ ୨୦ହଜାର ଓ ଆଡଭାନ୍ସ ଲାଇଫ ସପୋର୍ଟ ଇଏମ୍‌ଟିଙ୍କୁ ୩୫ହଜାର ଟଙ୍କା ଦରମା ପ୍ରଦାନ କରାଯାଉଛି। ବାର୍ଷିକ ଦରମା ବୃଦ୍ଧି କରାଯିବା ସହ ସେମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆଇନଗତ ବ୍ୟବସ୍ଥା କରାଯାଉ। ଏହା ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁରେ ଅନୁକମ୍ପାମୂଳକ ରାଶି ୨୦ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ସେମାନେ ଅନୁରୋଧ କରିଛନ୍ତି। ସଂଘର ସଭାପତି ନିଳାଞ୍ଚଳ ପଣ୍ଡା, ସମ୍ପାଦକ ସିଦ୍ଧାର୍ଥ ଶେଖର ପଣ୍ଡା, ସୁନୀଲ ବେହେରା, ପ୍ରଭାକର ନାୟକ, ରାଜା ପାତ୍ର, ପ୍ରଦୀପ ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ନବୋଦୟରେ ସାତୁଳି ବିଦ୍ୟାଳୟର ଛାତ୍ରଙ୍କ କୃତିତ୍ୱ

ରମ୍ଭା,୨୨।୬(ବନବାସୀ ସେଠୀ) ଗଞ୍ଜାମ ବ୍ଲକ ସନ୍ତୋଷପୁର ଗ୍ରାମ ପଞ୍ଚାୟତ ଅଧୀନ ପାଲଙ୍ଗ କ୍ଲଷ୍ଟରର ସାତୁଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଶ୍ରୀମାନ ଅମ୍ଳାନ ପ୍ରିୟଦର୍ଶୀ ଜେନା ଜବହାର ନବୋଦୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ-୨୦୨୩ରେ କୃତିତ୍ୱ ହାସଲ କରିଛନ୍ତି। ଏଥି ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୩ ରେ ୨ୟ ସ୍ଥାନ ଅଧିକାର କରି ମଧ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଜଣେ ମେଧାବୀ ଛାତ୍ର ଅଟନ୍ତି। ଖଣ୍ଡଦେଉଳି ଗ୍ରାମର ଶ୍ରୀମାନ ଅମରେଶ ଜେନା ଓ ଶ୍ରୀମତୀ ମୋନାଲିସା ବେହେରାଙ୍କ ପୁତ୍ର। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସହପାଠୀ ଏବଂ ଅଭିଭାବକମାନେ ତାଙ୍କର ଏହି ସଫଳତା ପାଇଁ କୃତଜ୍ଞତା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ବିଦ୍ୟାଳୟରେ ଛାତ୍ର ମାଟି ହାଣିବା ଭିଡିଓ ଭାଇରାଲ

ବେଗୁନିଆପଡ଼ା,୨୨।୬(ସୁଶାନ୍ତ ପଟ୍ଟନାୟକ) ଗ୍ରୀଷ୍ମ ଛୁଟି ପରେ ବୁଧବାରଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିଛି। ପ୍ରଥମ ଦିନ ହିଁ ବିଦ୍ୟାଳୟ ପରିସରରେ ଜଣେ ଛାତ୍ର ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ତିରିଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦେଖାଯାଇଛି। ଜଣେ ଛାତ୍ର କୋଦାଳ ଧରି ଘାସ ସଫା କରିବା ସହ ମାଟି ହାଣୁଥିବା ଭିଡିଓ ଭାଇରାଲ ହେଉଛି । ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଏଭଳି କାର୍ଯ୍ୟରେ ନିୟୋଜିତ ହାତରେ କୋଦାଳ ଧରି ଘାସ ସଫା କରୁଛନ୍ତି। ମାଟି ହାଣୁଛନ୍ତି। ଏହି ଭିଡିଓ ଭାଇରାଲ ପରେ ଏନେଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ସେଠୀ।

## ଭଞ୍ଜନଗର ମେଡିକାଲ ଭିତ୍ତିଭୂମି ସୁଦୃଢ଼ ହେଉଛି
## ୫୦ ପ୍ରତିଶତରୁ କମ୍ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା

ଭଞ୍ଜନଗର, ୨୨।୬( ବାବୁଲା ପ୍ରଧାନ) ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲର ଭିତ୍ତିଭୂମି ସୁଦୃଢ ପାଇଁ ୫-ଟି ମାଧ୍ୟମରେ ସାଢେ ୪ କୋଟି ଟଙ୍କା ଅନୁଦାନ ମିଳିଛି। ଉକ୍ତ କାର୍ଯ୍ୟ ବର୍ତ୍ତମାନ ଚାଲିଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମେଡିକାଲ ପରିଦର୍ଶନ କରି କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ମେଡିକାଲର ଭିତ୍ତିଭୂମି ସୁଦୃଢ଼ ପାଇଁ ଯେତିକି ଦୃଷ୍ଟି ଦିଆଯାଉଛି ସେହି ଅନୁପାତରେ ଭଞ୍ଜନଗର ମେଡିକାଲରେ ଖାଲିପଡିଥିବା ପଦବୀଗୁଡିକ ପୂରଣ ପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ରୋଗୀ ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଭଞ୍ଜନଗର ମେଡିକାଲକୁ ୨୩ଟି ଡାକ୍ତର ପଦବୀ ଅନୁମୋଦନ ହୋଇଥିବା ବେଳେ ବର୍ତ୍ତମାନ ସେଥିରୁ ୧୨ ଜଣ ଅଛନ୍ତି। କିନ୍ତୁ ସେଥିମଧ୍ୟରୁ ଜଣେ ପ୍ରଭାବଶାଳୀ ଡାକ୍ତର ଡେପୁଟେଶନରେ ୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ବ୍ରହ୍ମପୁର ଚାଲିଯାଇଛନ୍ତି। ଏଠାରେ ୫୦ ପ୍ରତିଶତରୁ କମ୍ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟ ସେବା ଚାଲିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଭଞ୍ଜନଗର ମେଡିକାଲ ଉପରେ ଉପଖଣ୍ଡର ସମସ୍ତ ୮ ବ୍ଲକ ଏବଂ ୫ ଏନ୍‌ଏସି ସମେତ କନ୍ଧମାଳ ଓ ନୟାଗଡ଼ ଜିଲାର ସୀମାବର୍ତ୍ତୀ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭରଶୀଳ। ଦୈନନ୍ଦିନ ହଜାର ହଜାର ରୋଗୀ ଭଞ୍ଜନଗର ମେଡିକାଲ ଏବଂ ଘରୋଇ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଆସିଥାନ୍ତି। ଅନେକ ସମୟରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ମେଡିକାଲରେ ଡାକ୍ତରଙ୍କ ଚାମ୍ବର ଏବଂ ଆଉଟଡୋର ସମ୍ମୁଖରେ ଭିଡ ଜମାଉଛନ୍ତି। ଏହି ସମୟରେ ଡାକ୍ତରଙ୍କ ଉପରେ କାର୍ଯ୍ୟ ଚାପ ବଢୁଛି। ଯାହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ମଧ ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ମେଡିକାଲ ସିକ୍ୟୁରିଟି ଗାର୍ଡମାନେ ରୋଗୀଙ୍କୁ ବ୍ୟବହାର ଠିକ ଦେଖାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ମେଡିକାଲ ଅଧୀକ୍ଷକ ଡ. ସିତାଂଶୁ ଶେଖର ସତପଥୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘରୋଇ ମେଡିକାଲ ଭଳି ସରକାରୀ ମେଡିକାଲରେ ରୋଗୀଙ୍କୁ ବିଭିନ୍ନ ସୁବିଧା ମିଳିବ। ଖାଲିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି। ମେଡିକାଲରେ ରୋଗୀଙ୍କୁ ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି।

## ରାସ୍ତାରୁ ଉଠିଗଲାଣି ଗୋଡ଼ି, ମରାମତିର ନାଁ ନାହିଁ



ବିପର୍ଯ୍ୟସ୍ତ ରାସ୍ତା।

ଖଜୁରିପଡ଼ା,୨୨।୬(ବିଦୁର ବେହେରା) ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଗାଁକୁ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ରାସ୍ତାଘାଟ ନିର୍ମାଣ କରୁଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ରାସ୍ତାଗୁଡ଼ିକ ନିମ୍ନମାନର କାମ ହୋଇ ବର୍ଷେ, ଛ'ମାସ ଭିତରେ ପିଚୁ ଉଠିଯିବାରୁ ରାସ୍ତାଗୁଡ଼ିକ ମରଣଯନ୍ତା ପାଲଟୁଛି। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡାସୀପଡାଠାରୁ ଗରାକୁମ୍ପାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା। ଯାହାର ମଧ୍ୟଭାଗଗୁଡିକରେ ପିଚୁ ଉଠି ଗଲାଣି। ରାସ୍ତା ନିର୍ମାଣ ହେବାର ବର୍ଷ କେତୋଟି ନ ପୂରୁଣୁ ରାସ୍ତାରୁ ପିଚୁ ଉଠି ଯାଉଛି। ଯାତ୍ରୀମାନଙ୍କ ଅବଗତ ନିମନ୍ତେ କିଲୋମିଟର ଖୁଣ୍ଟରେ ଗ୍ରାମର ଦୂରତା ଲେଖାଯାଏ। କିନ୍ତୁ ସେଗୁଡିକ ପ୍ରତି ଅଧିକାରୀଙ୍କ ନଜର ନାହିଁ। ତେଣୁ ମାଇଲ ଖୁଣ୍ଟରେ ମନଇଛା ଓଲଟ ପାଲଟ କରି ଲେଖାଯାଇଛି। ଠିକାଦାରମାନେ ପାଞ୍ଚ ବର୍ଷ ଯାଏ ରାସ୍ତାର ରକ୍ଷଣାବେକ୍ଷଣ କରିବା ସହିତ ରାସ୍ତା ମରାମତି କରିବା ନିୟମ ଥିଲେ ମଧ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ନୀତି ଯୋଗୁ ରାସ୍ତା ମରଣଯନ୍ତା ପାଲଟିଲେ ମଧ ଏଥିପ୍ରତି କାହାର ନଜର ପଡୁନାହିଁ। ଅନ୍ୟପଟେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଅନେକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତାକୁ ମରାମତି କରାଯିବା ପାଇଁ ଅଞ୍ଚଳବାସୀ ସମେତ ମାଁ ଇଷ୍ଟଦେବୀ ଯୁବ କଳା ପରିଷଦ ଯୁବକ ସଂଘ ଦାବି କରୁଛି।

## ଏସିଡ୍ ପିଇ ସ୍ତ୍ରୀ ଗୁରୁତର ଘଟଣାରେ ସ୍ୱାମୀ ଗିରଫ

ବୁଗୁଡ଼ା,୨୨।୬(କାଳୀଚରଣ ଦାଶ) ବୁଗୁଡ଼ା ସହରର ଜଣେ ମହିଳା ଏସିଡ୍ ପିଇ ଗୁରୁତର ହୋଇଥିଲେ। ଏହି ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଗୁରୁବାର ପୋଲିସ କୋର୍ଟ ଚାଲାଣ କରିଛି। ଗୁରୁତର ସ୍ତ୍ରୀ ଜଣକ ପ୍ରିୟଙ୍କା ସାହୁ ଏବଂ ଗିରଫ ସ୍ୱାମୀ ଜଣକ ହେଲେ ମନୋଜ କୁମାର ପାତ୍ର। ଗତ ମେ' ୩୧ ତାରିଖରେ ପାରିବାରିକ ଅଶାନ୍ତିକୁ ନେଇ ସ୍ତ୍ରୀ ପ୍ରିୟଙ୍କା ପାଇଖାନା ସଫେଇରେ ବ୍ୟବହୃତ ଏସିଡ୍ ପିଇ ଦେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁଗୁଡ଼ା ମେଡିକାଲରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ସ୍ୱାମୀ ମନୋଜଙ୍କ ବିରୋଧରେ ଗତ ୨୦ ତାରିଖରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଗୁରୁବାର ତାଙ୍କୁ ଗିରଫ କରି ନଂ. ୪୩୩/୨୩ରେ ଏକ ମାମଲା ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ତୃଣମୂଳସ୍ତରରେ କଂଗ୍ରେସକୁ ମଜଭୁତ ପାଇଁ ଆହ୍ୱାନ

ବାଲିଗୁଡା,୨୨।୬(ସଞ୍ଜୟ କୁମାର ପାଣିଗ୍ରାହୀ) ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଗୁରୁବାର ଦିନିକିଆ ବାଲିଗୁଡା ଗସ୍ତ କରିଥିଲେ। ସ୍ଥାନୀୟ ଦଣ୍ଡପଦର ନିକଟରେ କଂଗ୍ରେସ ଦଳ ପକ୍ଷରୁ ପଟ୍ଟନାୟକଙ୍କୁ ସ୍ୱାଗତ କରି ଏକ ବାଇକ୍‌ରେ ଶୋଭାଯାତ୍ରା କରି ସଭାଗୃହ ନିକଟରେ ପହଞ୍ଚି ଥିଲେ। ସେଠାରେ ବାଲିଗୁଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ଏବଂ ଭାଜପା ଛାଡି ବହୁ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଅନାମ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସେ କହିଲେ ଯେ, ୨୦୨୪ରେ କଂଗ୍ରେସ ଓଡ଼ିଶାରେ ସରକାର ଗଠନ କରିବା ସମ୍ଭାବନା ଉଜ୍ଜ୍ୱଳ। ଲୋକଙ୍କ



ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓ ନେତୃବୃନ୍ଦ ।

**ବିଜୟ ପଟ୍ଟନାୟକଙ୍କ ବାଲିଗୁଡା ଗସ୍ତ**

ପାଖରେ ପହଞ୍ଚି ତୃଣମୂଳ ସ୍ତରରେ ଦଳର ସଙ୍ଗଠନକୁ ଅଧିକ ଦୃଢ଼ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିରେ ସୀମାଞ୍ଚଳ ଆଚାର୍ଯ୍ୟ, ପୂର୍ବତନ ଏମପି ନକୁଳ ନାୟକ, ସୀତାରାମ ପଣ୍ଡା, ଜିଲା ପର୍ଯ୍ୟବେକ୍ଷକ ବିସ୍ମୟ ମହାପାତ୍ର, ଏନଏସି ଯୁବ କଂଗ୍ରେସ ସଭାପତି ବିଶ୍ୱାଳ ସାମଲ, ଅଜୟନ୍ତୀ ପ୍ରଧାନ, ଅମୀର ଚାନ୍ଦ ନାୟକ, ଏନଏସି ନଗର ସଭାପତି ସ୍ୱପ୍ନେଶ୍ୱର ସାହୁ, ବ୍ଲକ ସଭାପତି ଆଇବର ନାୟକ, ସଦାନନ୍ଦ ମଳିକ, ଟୁଟୁ ଆଚାରୀ, କେ. ବଳରାମ ଦୋରା, ଉପେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଦାସ, ଜିରୀମୟ ସୁନା ମାଝୀ, ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟର ବକେୟା ବିଲ୍‌କୁ ନେଇ ପାଟିତୁଣ୍ଡ

## ଅଧ୍ୟକ୍ଷାଙ୍କ ସ୍ୱାମୀ ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ କଥା କଟାକଟି, ଉଭୟଙ୍କ ପକ୍ଷରୁ ଏତଲା

**ଗଞ୍ଜାମ ଏନଏସି**

ଗଞ୍ଜାମ,୨୨।୬(ବିଦ୍ୟାଧର ସାହୁ ) ଗଞ୍ଜାମ ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିଲ୍ ପ୍ରଦାନ କରାଯାଉ ନ ଥିବା ବେଳେ ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ବିଲ୍ ହିଁ କରାଯାଉଥିବା ଅଭିଯୋଗ କରିଛନ୍ତି ଖୋଦ ଏନ୍‌ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି। ଏ ନେଇ ପୂର୍ବରୁ ଏନ୍‌ଏସି ଉପାଧ୍ୟକ୍ଷ ଓ ୧୧ କାଉନସିଲର ଗଞ୍ଜାମ ଜିଲାପାଳଙ୍କୁ ଭେଟି ଅଭିଯୋଗ ମଧ କରିଥିଲେ। ଏମିତି ତୁତୁ ମେଁମେଁରେ ଚାଲିଥିଲା ଉନ୍ନୟନ କାର୍ଯ୍ୟ। ମଙ୍ଗଳବାର ତାହା ଉଗ୍ରରୂପ ଧାରଣ କରିଥିଲା। ସେଦିନ ରାତିରେ ଉପାଧ୍ୟକ୍ଷ ବାରିକି ଓ ତାଙ୍କ ସମର୍ଥକମାନେ ଏନ୍‌ଏସି ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ପାଖକୁ ଯାଇ ଚାପବନ୍ଧ ପାର୍କ ବିଲ୍ କାହିଁକି କରାଯାଉନି ବୋଲି ପ୍ରଶ୍ନ କରିବା ସହ ଉଭୟଙ୍କ ମଧ୍ୟରେ ବଚସା ଓ କଥା କଟାକଟି ଯାଏ ଯାଇଥିଲା। ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଉଭୟ ଉଭୟଙ୍କ ମଧ୍ୟରେ ଥାନାରେ ଏତଲା ଦେବା ପରେ ଗଞ୍ଜାମ ପୋଲିସ ପୃଥକ ପୃଥକ ଭାବେ ନଂ.୧୬୧/୨୩, ୧୬୨/୧୬୩ ଓ ୧୬୪/୨୩ରେ ମାମଲା ରୁଜୁ କରିଛି। ବୁଧବାର ଉଭୟଙ୍କୁ ଡାକି ଏସ୍‌ଏପି ଅଜୟ ମିଶ୍ରଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ଆଇନ ହାତକୁ ନ ନେବା ଲାଗି ଉଭୟଙ୍କୁ ତାଗିଦ କରିଛି ଗଞ୍ଜାମ ଥାନା ପୋଲିସ। ପ୍ରକାଶଯୋଗ୍ୟ, ଉନ୍ନୟନ କାର୍ଯ୍ୟର ବକେୟା ବିଲ୍ ହୋଇ ନ ଥିବା ନେଇ ରାଜନୈତିକ ହଟଚମଟ ଦେଖାଯାଇଛି। ୧ ନମ୍ବର ୱାର୍ଡ ଶିଶୁ ପାର୍କ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ବକେୟା ବିଲ୍ କାହିଁକି ସାଇନ କରାଯାଉନାହିଁ। ସେହିପରି ଅନ୍ୟାନ୍ୟ ବିଲ୍ ମଧ ହେଉନି। ପ୍ରଥମରୁ ଏହାର ପ୍ରତିବାଦ କରିଆସୁଛନ୍ତି ଗଞ୍ଜାମ ଏନ୍‌ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି। ଅନ୍ୟମାନଙ୍କ ବିଲ୍ ପ୍ରଦାନ କରାଯାଉଛି। କିନ୍ତୁ ତାଙ୍କ ୱାର୍ଡ ବିଲ୍ ପ୍ରତି ଅବହେଳା କାହିଁକି କରାଯାଉଥିବା ଅଭିଯୋଗ ପରେ ବିଜେଡି ଗୋଷ୍ଠୀ ଓ ଏନ୍‌ଏସି ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ମଧ୍ୟରେ ବାଦବିବାଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉଭୟ ଗୋଷ୍ଠୀଙ୍କୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏହାର ସମାଧାନ କରିବା ପାଇଁ କୁହାଯାଇଛି। ଏହାର ସମାଧାନ ନ ହେଲେ ଉଭୟ ଗୋଷ୍ଠୀଙ୍କୁ କୋର୍ଟ ଫରୱାର୍ଡ କରାଯିବ ବୋଲି ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି।

